## ପ୍ରେସ୍ ନୋଟ୍

## ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ-ବିଭିନ୍ନ କ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ କରି ୪୨ ଜଣ ସମ୍ବର୍ଦ୍ଧିତ ହେଲେ ।

ଅନୁଗୋଳ,ତା.୩.୧୨:-ଜିଲ୍ଲା ସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ଆଜି ପୂର୍ବାହ୍ନରେ ଜିଲ୍ଲା ସମ୍ମିଳନୀ ଗୃହରେ ପାଳିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ଆୟୋଜିତ ଉତ୍ସବରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଂକୁ ସମ୍ବର୍ଦ୍ଧିତ କରିବା ସହ ଭିନ୍ନକ୍ଷମ ମାନଂକର ଅନ୍ତର୍ନିହିତ ଗୁଣାବଳୀର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଭିନ୍ନକ୍ଷମମାନେ ସକ୍ଷମ ମାନଂକ ଭଳି କୌଣସି ଗୁଣରେ କମ୍ ନୁହଁନ୍ତି ,ସେମାନଂକର ଅଲୌକିକ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିଲେ ସେମାନେ ଆମ ସମାଜ ପାଇଁ ଏକ ଆଦର୍ଶ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଭିନ୍ନକ୍ଷମମାନଂକ ପ୍ରତି ଆମର ଦାୟିତ୍ୱ ଓ କର୍ତବ୍ୟକୁ ସୂଚାରୁରୂପେ ସମ୍ପାଦନ କରିବା ସହ ସରକାରଂକ ଦ୍ୱାରା ପ୍ରଣିତ ଆଇନକୁ ସଠିକଭାବେ କିର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ । ପିତାମାତା ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରି ସବୁକ୍ଷେତ୍ରରେ ଭିନ୍ନକ୍ଷମ ମାନଂକୁ ଉତ୍ସାହିତ କଲେ ସେମାନେ ଆମ ଦେଶ ପାଇଁ ପ୍ରମୁଖ ଆୟୁଧ ହୋଇ ପାରବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳଶ୍ରୀ ତପନ କୁମାର ଶତପଥି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଭିନ୍ନକ୍ଷମମାନେ ଶାରୀରିକ ଓ ଆର୍ଥିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇ ଅନ୍ୟମାନଂକ ଉପରେ ନିର୍ଭର ନକରି ନିଜକାର୍ଯ୍ୟ ନିଜେ କରି ରୋଜଗାରକ୍ଷମ ହୋଇ ନିଜ ପରିବାର ଚଳାଇବାକୁ ପରାମର୍ଶ ଦେଇଥିଲେ । ଭିନ୍ନକ୍ଷମ ମାନଂକ ମଧ୍ୟରେ ଥିବା ସାମର୍ଥ୍ୟର ବିକାଶ କରି ସେମାନଂକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅମରେନ୍ଦ୍ରନାଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।,୧୯୯୨ ମସିହାରୁ ଏହି ଦିବସ ପାଳନ କରାଯାଇ ଏହା ମାଧ୍ୟମରେ ଭିନ୍ନକ୍ଷମମାନଂକର ସମାଜରେ ଆତ୍ମସମ୍ମାନକୁ ବଜାୟ ରଖିବା ସହ ସେମାନଂକ ଅଧିକାର ସମ୍ପର୍କରେ ସଚେତନ କରାଯାଉଛି । ୨୦୧୬ ଆଇନ୍ ଅନୁଯାୟୀ ୨୧ ପ୍ରକାର ଭିନ୍ନକ୍ଷମମାନଂକୁ ଚିହ୍ନଟ କରାଯାଇ ସରକାରୀ ସହାୟତା ଯୋଗାଇ ଦିଆଯାଉଛି ବୋଲି ସେ ପ୍ରକାଶ କରିଥିଲେ । ସେମାନଂକ ପ୍ରତି ଉଦ୍ଧଷ୍ଟ ଆଇନ୍ ପାଳନରେ ଖିଲାପ କଲେ ୧୦ ବର୍ଷ ଜେଲଦଣ୍ଡ ସହ ଜୋରିମନା ଦେବାକୁ ବ୍ୟବସ୍ଥା ଅଛି ବୋଲି ସେ ପ୍ରକାଶ କରିଥିଲେ । ଆମେ ଆମ ମାନସିକତାରେ ପରିବର୍ତନ ଆଣି ଭିନ୍ନକ୍ଷମମାନଂକୁ ନିଜ ପରିବାରର ଜଣେ ସଦସ୍ୟ ଭାବେ ବିବେଚନା କଲେ ସେମାନେ ପ୍ରକୃତ ନ୍ୟାୟ ପାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା,ସମଗ୍ର ଶିକ୍ଷାର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଂଜନ ସାହୁ, ଜିଲ୍ଲା ସମାଜ ମଂଗଳ ଅଧିକାରିଣୀ ଶ୍ରୀମତୀ ଆଲମା ବରୁଆ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ମାଧବ ଚନ୍ଦ୍ର ବରାଡ

ଯୋଗ ଦେଇ ଭିନ୍ନକ୍ଷମ ଛାତ୍ର ଛାତ୍ରୀମାନଂକୁ ଉତ୍ସାହିତ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶେଷରେ ତାଳଚେର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଅଶୋକ କୁମାର ନାୟକ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ସକ୍ଷମ ଥାଇ ଭିନ୍ନକ୍ଷମଂକୁ ବିବାହ କରି ସମାଜ ପାଇଁ ଆଦର୍ଶ ସାଜିଥିବା ୬ଟି ଦମ୍ପତିଂକୁ ୫୦ ହଜାର ଲେଖାଏଁ ଭିନ୍ନକ୍ଷମ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଗତ ହାଇସ୍କୁଲ ସାର୍ଟିଫିକେଟ ପରିକ୍ଷାରେ ଭିନ୍ନକ୍ଷମ ହୋଇ କୃତିତ୍ୱର ସହ ଉତୀର୍ଣ୍ଣ ହୋଇଥିବା ୪୨ ଜଣଂକୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ପ୍ରକାଶଥାଉକି, ଅନୁଗୋଳ ଜିଲ୍ଲାରେ ୧୬ହଜାର ୭୨୦ ଜଣ ଭିନ୍ନକ୍ଷମ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ ଶ୍ରୀ ରଂଜନ କୁମାର ବେହେରା ସଂଯୋଜନା କରିଥିବା ବେଳେ ଅନୁଗୋଳ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ବିପ୍ଳବ ସାମନ୍ତରାୟ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରିଣୀ ମନୋରମା ପ୍ରଧାନ ଓ ବିନାଶିନୀ ନାୟକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ଭିନ୍ନକ୍ଷମ ଓ ସେମାନଂକର ଅଭିଭାବକ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଯୋଗ ଦେଇଥିଲେ ।






ଜାତୀୟ ଭିନ୍ନକ୍ଷମ ଦିବସ -୨୦୧୯

